# ଈଶ୍ୱରଙ୍କ ଠିକଣା

ତୁମରି ଠିକଣା ଖୋଜେ ହେ ଈଶ୍ୱର !
ଆକାଶେ ପାତାଳେ ଅବା ଶ୍ରୀଲକ୍ଷ୍ମୀ ନବରେ
କ୍ଷୀର ଜଳଧିରେ ବୁକେ ଶ୍ରୀଲଙ୍କା କଟକେ
ଆଉ ଅବା ଅହଲ୍ୟାର ପାଷାଣ ବୁକୁରେ

ନୀଳ ନୟନା ଶବରୀ ଅସ୍ପୃଶ୍ୟା କୁଟଳେ
ଅବା ଶ୍ରୀବୈକୁଣ୍ଠ ସ୍ଥଳୀ କ୍ଷୀର ସମୁଦ୍ରରେ
କେଉଁଠି ଖୋଜିବି ସତେ ହେ ବଇଁଶୀ ଫୁଙ୍କା
ତୁମେ ପରା ସର୍ବବ୍ୟାପ୍ତ ଭକତ ପ୍ରେମରେ

ଦଗ୍ଧ ଫୁଲବନେ ଜଳ ପ୍ଲାବିତ ଦ୍ୱାରକା
ଗୋପପୁରେ ଅବା ଗୋପ ଲତିକା ବିଜନେ
ଯମୁନା ପୁଳିନେ ଅବା ସ୍ୱୟମ୍ଭୂ ନଗରେ
କୋଇଲି ବୈକୁଣ୍ଠେ ଅବା ଶିବ ଶମଶାନେ?

ଯଶୋବନ୍ତୀ ମାତା କୋଳେ ଗୋବର୍ଦ୍ଧନ ମୂଳେ
ଅବା ଗୋପୀ ମୁଖପଦ୍ମ ଚୂର୍ଣ୍ଣ ଚିକୁରରେ
ତପସ୍ୱିନୀ ରାଧିକାର ନରମ ଓଠରେ
ଅବା ଗିରି ଗୋବର୍ଦ୍ଧନ ରିକ୍ତ କନ୍ଦରରେ ?

ତୁମରି ଠିକଣା ଖୋଜି ହେଲିଣି ହାଲିଆ
ହେ କାଳିଆ ପଦ୍ମଗନ୍ଧ ଛଳ କପଟିଆ
ତୁ ଯେ ବୁଝୁ ଅନ୍ତରର ନିଗୁଢ ବେଦନା
ତୁ ଲିଭାଉ ଅନ୍ତରରେ ଜଳୁଥିବା ନିଆଁ

ଜଗତ ବଲ୍ଲଭ ନାଥ କରୁଣା ସାଗର
ଭକ୍ତ ଡାକ ଶୁଣିବାକୁ ଡେରିଥାଅ କାନ
କବି ହୃଦ କେତେ ଜଡ ପଥର ହୁଁ ବଳି
ଭାବଇ ସତତ ହେବ ଶ୍ରୀପୟରେ ଲୀନ □ □ □

